# Akashvani, Sambalpur

## SAMBALPURI NEWS EVENING BULLETIN
## 13 November 2025- 7.02 pm- 7.12 pm.

*********************************************

୧- ସମୃଦ୍ଧ ଓଡ଼ିଶା ଆଉ ବିକଶିତ୍ ଭାରତ ଗଠନ୍ ଲାଗି ସଭେ ମିଶିକରି କାମ୍ କର୍‌ବାର୍‌କେ ଆହ୍ୱାନ୍ ଦେଲେ ମୁଖ୍ୟମନ୍ତ୍ରୀ ।

୨- ନୂଆପଡ଼ା ବିଧାନ ସଭା ଉପନିର୍ବାଚନର ଆଏବାକାଏଲ୍ ହେବା ଭୋଟ୍ ଗନ୍‌ତି ।

୩- ଜମିଜମା ବିବାଦ୍‌ର ସ୍ଥାୟୀ ସମାଧାନ ଲାଗି ଖୋବ୍ ଜଲ୍‌ଦି 'ଓଡ଼ିଶା ସରକାର ଜମି ପରିଚାଳନା ଅଧିନିୟମ୍' ଲାଗୁ କର୍‌ବେ ରାଜ୍ୟ ସରକାର- କହେଲେ ରାଜସ୍ୱ ମନ୍ତ୍ରୀ ।

ଆଉର୍

୪- ରାଏଜେ ଆଏବା ୨୦ ତାରିଖ୍‌ନୁ ମୁଲ୍ ହେବା ଖରିଫ୍ ଧାନ୍ ଘିନା ।

ଏକତା ପଦଯାତ୍ରା-ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ସଶକ୍ତ, ସମୃଦ୍ଧ ଓଡ଼ିଶା ଆଉ ବିକଶିତ୍ ଭାରତ ଗଠନ୍ ଲାଗି ସଭେ ମିଶିକରି କାମ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ୍ ଦେଇଛନ୍ । ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କର ଶହେ ୫୦ ନମ୍ବର ବଛର୍‌କିଆ ଜୟନ୍ତୀ ସମାରୋହ ଅବ୍‌ସରେ ବାଲେଶ୍ୱର ଜିଲ୍ଲା ନ ଏକତା ପଦଯାତ୍ରାକେ ଉଦ୍‌ଘାଟନ୍ କରି କରି ମୁଖ୍ୟମନ୍ତ୍ରୀ ଇଟା କହିଛନ୍ । ସେ ଆହୁରି କହିଛନ୍, ଏକତା ପଦଯାତ୍ରା ଭାରତୀୟଙ୍କର ଏକତାର୍ ପ୍ରତୀକ୍ ଆଏ ।

ପଦଯାତ୍ରା ନୀଳଗିରି ନୁ ମିତ୍ରପୁରତକ୍ ୯ କିଲୋମିଟର ଯାଇଥିଲା । ଇ ଅବ୍‌ସରେ ଛାତ୍ରଛାତ୍ରୀ, ଯୁଆନ୍ ପିଲାଟୁକେଲ, ଜନସାଧାରଣ ଶହେ ଫୁଟ୍ ଲମ୍ବା ତ୍ରିରଙ୍ଗା ପତାକା ଧରି କରି ପରିକ୍ରମା କରିଥିଲେ । କାର୍ଯ୍ୟକ୍ରମ୍‌ଥି ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍, ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଆଉ ବିଧାୟକ୍‌ମାନେ ସାମିଲ ଥିଲେ ।

ନୂଆପଡ଼ା ବିଧାନସଭା ଭୋଟ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ ସଭା ଉପନିର୍ବାଚନ ଲାଗି ଆଏବାକାଏଲ୍ ଭୋଟ୍ ଗନ୍‌ତି ହେଇକରି ଫଳାଫଲ୍ ବାହାରିବା । ଗନ୍‌ତିକେ ନେଇକରି ପ୍ରଶାସନ୍ ତରଫୁ ତୟାରି ଶେଷ୍ ଖେପ୍‌ଥି ପୁହୁଁଚିଛେ । ନୂଆପଡ଼ା ନେସ୍‌ନାଲ୍ କଲେଜ୍ ପରିସର୍‌ନ ଭୋଟ୍ ଗନ୍‌ତି ହେବା । ମୋଟ୍ ୧୪ଟା ଟେବୁଲ୍ ନ ଗନ୍‌ତି ବ୍ୟବସ୍ଥା

କରାଯାଇଛେ । ୩୫୮ଟା ବୁଥ୍ ଲାଗି ୨୬ ରାଉଣ୍ଡ ଗନ୍ତି ହେବା । ସଖାଲର୍ ୮ ବଜେନୁ ପୋଷ୍ଟାଲ୍ ବାଲାଟ୍ ଭୋଟ୍ ଗନ୍ତି ହେବା । ତାର୍ ଉତ୍ରୁ ଇଭିଏମ୍ ଗନ୍ତି ହେବା ବଲି ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ଆଉ ଜିଲ୍ଲାପାଲ ମଧୁସୂଦନ୍ ଦାସ ସୂଚ୍ନା ଦେଇଛନ୍....

(ଭଏସ୍---ନୂଆପଡ଼ା ଜିଲ୍ଲାପାଲ)

ସେଆଡ଼େ ଭୋଟ୍ ଗନ୍ତି ଆଗୋନୁ ଆଏଜ୍ ଆରକ୍ଷୀ ଅଧିକ୍ଷକ ଷ୍ଟ୍ରଙ୍ଗ୍ରୁମ୍ନ ସୁରକ୍ଷା ସ୍ଥିତି ଯାଂଚ୍ କରିଛନ୍ । ଦୁଇ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଲ ସହେତେ ତିନ୍ଥାକିଆ ସୁରକ୍ଷା ବ୍ୟବସ୍ଥାଥି ଷ୍ଟ୍ରଙ୍ଗ୍ ରୁମ୍କେ ରଖାଯାଇଛେ । ଅନୁମତି ବିନା କେହି ଭିତର୍କେ ଯାଇ ନାଇ ପାରନ୍ ବଲି ଆରକ୍ଷୀ ଅଧିକ୍ଷକ ସୂଚ୍ନା ଦେଇଛନ୍ ।

ଦିବ୍ୟାଙ୍ଗ ଶିଶୁ ସର୍ବେକ୍ଷଣ                    ହି.ସ.

ରାଏଜେ ଦିବ୍ୟାଙ୍ଗ ଛୁଆମାନ୍କର ସର୍ବେକ୍ଷଣ କର୍ବାର୍କେ ସାମାଜିକ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ୍ ତରଫୁ ମାର୍ଗଦର୍ଶିକା ଜାରି କରାଯାଇଛେ । ଜନମ୍ନୁ ୬ ବଛର୍ ବଏସ୍ତକ୍ ଛୁଆମାନ୍କୁ ସର୍ବେକ୍ଷଣଥି ସାମିଲ୍ କରାଯିବା । ଜାତୀୟ ଶିକ୍ଷାନୀତି-୨୦୨୦ ସହେତେ ଭିନ୍ ଭିନ୍ ସରକାରୀ କଲ୍ୟାଣକାରୀ ଯୋଜ୍ନାଥି ଇ ଛୁଆମାନ୍କୁଁ

ସାମିଲ୍ କରାଯିବା ବଲି ବିଭାଗ୍ ତରଫୁ କୁହାଯାଇଛେ । ସେନ୍ତା ଅଙ୍ଗନୱାଡ଼ି କର୍ମୀମାନେ ଘର ଘର ଯାଇକରି ଦିବ୍ୟାଙ୍ଗ ଛୁଆମାନ୍‌କର ବାବ୍‌ଦେ ତଥ୍ୟ ଠୋଲ୍ କର୍‌ବେ । ଇଥିର୍‌ଲାଗି ସେମାନ୍‌ଙ୍କୁ ୫ ଶହ ଟଙ୍କା ଲେଖା ପ୍ରୋତ୍ସାହନ୍ ରାଶି ଦିଆଯିବା । ସର୍ବେକ୍ଷଣ କାମ୍‌ର ଯାଂଚ୍ ବିଭାଗୀୟ ଅଧିକାରୀମାନେ କର୍‌ବେ । ମାସେ ଭିତ୍‌ରେ ସର୍ବେକ୍ଷଣ କାମ୍ ସାର୍‌ବାର୍‌କେ ମାର୍ଗଦର୍ଶିକାଥି ସମିଆ ଧାରିଜ୍ କରାଯାଇଛେ ।

## ସାଇବର ସଚେତନତା କର୍ମଶାଳା ସୁବର୍ଣ୍ଣପୁର ସମ୍ବାଦଦାତା

ସାଇବର ଅପରାଧ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର ଲାଗି ସୁବର୍ଣ୍ଣପୁର ନ ସାଇବର ଅପରାଧ ଆଉ ଅନ୍‌ଲାଇନ୍ ସୁରକ୍ଷା ବାବଦ୍ ଗୁଟେ କର୍ମଶାଳା ହେଇଯାଇଛେ । କର୍ମଶାଳାଥି ଜିଲ୍ଲାସ୍ତରର୍ ପ୍ରଶାସନିକ୍ ଅଧିକାରୀମାନେ ଯୋଗ୍ ଦେଇକରି ସାଇବର ଅପରାଧିର ଭିନ୍ ଭିନ୍ ଦିଗ୍ ଉପ୍‌ରେ ଆଲୋଚନା କରିଛନ୍ । ଇ ଅବ୍‌ସରେ ଅନ୍‌ଲାଇନ୍ ସୁରକ୍ଷା ଆଧାରିତ୍ ଗୁଟେ ତାଲିମ୍ କାର୍ଯ୍ୟକ୍ରମ୍ ଭିଲ୍ ହେଇଥିଲା ।

## ଗୁଟେ ରାଜସ୍ୱ ଆଇନ ପୁରୀ ସମ୍ବାଦଦାତା

ଓଡ଼ିଶାନ ଏତ୍‌କର ଗୁଟେ ରାଜସ୍ୱ ଆଇନ  କାର୍ଯ୍ୟକାରୀ ହେବା ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ । ପୁରୀ ନ ବିଭାଗୀୟ ସମୀକ୍ଷା ବୈଠକ୍‌ଥି ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍, ଜମିଜମା ବିବାଦ୍‌ର ସ୍ଥାୟୀ ସମାଧାନ ଲାଗି ଖୋବ୍ ଜଲ୍‌ଦି ସରକାର ଓଡ଼ିଶା ଗଭରମେଂଟ ଲେଣ୍ଡ ମେନେଜ୍‌ମେଂଟ ଆକ୍ଟ- ଓଡ଼ିଶା ସରକାର ଜମି ପରିଚାଲନା ଅଧିନିୟମ୍ ଆନ୍‌ବାର୍‌କେ ଯାଉଛନ୍ । ଗୁଟେ ରାଜସ୍ୱ ଆଇନ୍ ଲାଗି ତୟାରି ମୁଲ୍ ହେଇଯାଇଛେ । ସରକାର ଇତାର୍ ଭିନ୍ ଭିନ୍ ଦିଗ୍ ଉପ୍‌ରେ ତର୍ଜମା କରୁଛନ୍ । ଇହାଦେ ବହୁତ୍‌ଟେ ଜଟିଲ ଆଇନ୍ ରହିଛେ, ଯାହାର୍ କିଛି ଦରକାର ନାଇଁନ । ଇ ନୂଆ ଆଇନ ଲୋକ୍ ବୁଝି୍‌ପାର୍‌ବାର୍ ବାଗିର୍ ହେବା ବଲି ରାଜସ୍ୱ ମନ୍ତ୍ରୀ କହିଛନ୍ ।

ଖରିଫ୍ ଧାନ୍‌ଘିନା                    ହି.ସ.

ରାଏଜେ ଖରିଫ୍ ଧାନ୍ ଘିନା ଆଏବା ୨୦ ତାରିଖ୍‌ନୁ ମୁଲ୍ ହେବା ବଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସୂଚ୍‌ନା ଦେଇଛନ୍ । ଇ ବାବ୍‌ଦେ ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍, ବରଗଡ଼ ଜିଲ୍ଲା ନ ପହେଲା ଧାନ୍ ଘିନା ମୁଲ୍ ହେବା । ଧାନ୍ ସଂରକ୍ଷଣ ଲାଗି ମଣ୍ଡିମାନ୍‌କେ ଅତ୍ୟାଧୁନିକ୍ ବ୍ୟବସ୍ଥା କରାଯାଇଛେ । ଦୁଇ ବଛର୍ ଭିତ୍‌ରେ ଶହେଟା ଆଦର୍ଶ ମଣ୍ଡି

ତିଆର୍ କର୍ବାର୍କେ ନିଷ୍ପତି ନିଆଯାଇଛେ । ପହେଲା ଖେପେ ୩୮ଟା ଆଦର୍ଶ ମଣ୍ଡି ଲାଗି ଟେଣ୍ଡର ପ୍ରକ୍ରିୟା ମୁଲ୍ ହେଇଛେ ବଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ ।

ବାଲିଯାତ୍ରା ଆର୍ଏନ୍ୟୁ/ ସମ୍ବଲପୁର

କାର୍ତିକ୍ ପୁନି ଅବ୍ସରେ ମୁଲ୍ ହେଇଥିବା କଟକ୍ର ଐତିହାସିକ ବାଲିଯାତ୍ରା ଆଏଜ୍ ଉଦ୍ଯାପିତ୍ ହେଉଛେ । ୯ ଦିନ୍ ଧରିକରି ହେଇଥିବା ବାଲିଯାତ୍ରାଥି ଓଡ଼ିଶାର୍ ଐତିହ୍ୟ, କଳା, ସଂସ୍କୃତି, ମନୋରଞ୍ଜନ୍, ଖାଦ୍ୟ, ହସ୍ତଶିଳ୍ପର ଝଲକ୍ ଦେଖ୍ବାରକେ ମିଲିଥିଲା । ବ୍ୟବସାୟ ଆଉ ବାଣିଜ୍ୟର୍ ଇ ମହୋତ୍ସବ୍ଥି ଦେଶ୍ ବିଦେଶ୍ନୁ ପର୍ଯ୍ୟଟକ୍ମାନ୍କର୍ ଭିଡ୍ ଜମିଥିଲା ।

ସର୍ଗିଫୁଲ ସୁବର୍ଣ୍ଣପୁର ସମ୍ବାଦଦାତା

ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ୍ ଚାରଭଟା ପିଏମ୍ଶ୍ରୀ ଉଚ୍ଚ ମାଧ୍ୟମିକ୍ ବିଦ୍ୟାଳୟ ନ ଶିଶୁ ମହୋତ୍ସବ ସର୍ଗିଫୁଲ ହେଇଯାଇଛେ । ଜିଲ୍ଲା ଅନୁସୂଚିତ ଜାତି ଆଉ ଜନଜାତି ଉନ୍ନୟନ ବିଭାଗ ତର୍ଫୁ ହେଇଥିବା ମହୋତ୍ସବକେ ଜିଲ୍ଲାପାଳ ନୃପରାଜ ସାହୁ ଉଦ୍ଘାଟନ୍ କରିଥିଲେ ।

ଛାତ୍ରଛାତ୍ରୀମାନ୍‌କର ଭିତ୍‌ରେ ସୃଜନଶୀଲ ଗୁନ୍ ବଢ଼ାବାର୍ ଲକ୍ଷ୍ୟଥି ଭିନ୍ ଭିନ୍ ପ୍ରତିଯୋଗିତା ହେଇଥିଲା । ଉଦ୍‌ଯାପନୀ ଦିବସ୍‌ଥି କୃତୀ ଛାତ୍ରଛାତ୍ରୀମାନ୍‌ଙ୍କୁ ପୁରସ୍କୃତ୍ କରାଯାଇଛେ ।

ଏକତା ପଦଯାତ୍ରା ସୁବର୍ଣ୍ଣପୁର ସମ୍ବାଦଦାତା

ଆଘର ଉପପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର ୧୫୦ ନମ୍ବର ଜୟନ୍ତୀ ପାଲନ୍ ଅବ୍‌ସରେ ଆଏବା ୨୧ ତାରିଖ୍ ଦିନ ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର ନ ଏକତା ପଦଯାତ୍ରାର୍ ଆୟୋଜନ୍ କରାଯିବା । ଇ ବାବ୍‌ଦେ ଜିଲ୍ଲାପାଲ ନୃପରାଜ ସାହୁ ସାମ୍ବାଦିକ୍‌ମାନ୍‌ଙ୍କୁ ସୂଚ୍‌ନା ଦେଇକରି କହିଛନ୍, ପଦଯାତ୍ରା ବୀରମହାରାଜପୁର ମିନି ଷ୍ଟାଡିୟମ୍‌ନୁ ସଖାଲ୍ ସାଢ଼େ ୯ ବଜେ ମୁଲ୍ ହେଇକରି ଆମ୍ବେଦକର ଛକ ତକ୍ ଯିବା । ସେନ  ମହାପୁରଷମାନ୍‌କର ପ୍ରତିମୂର୍ତ୍ତିନ ମଲ୍ୟାର୍ପଣ କରାଯିବା । ପଦଯାତ୍ରା ମିନିଷ୍ଟାଡିୟମ୍‌କେ ପୁହୁଁଚିକରି ଶେଷ୍ ହେବା । ଇଥି ଜିଲ୍ଲାବାସୀ ଯୋଗ୍ ଦେବାର୍‌କେ ଜିଲ୍ଲାପାଲ କହିଛନ୍ ।

ସାଇବର ସଚେତନତା କର୍ମଶାଳା ସୁବର୍ଣ୍ଣପୁର ସମ୍ବାଦଦାତା

ସାଇବର ଅପରାଧ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର ଲାଗି ସୁବର୍ଣ୍ଣପୁର ନ ସାଇବର ଅପରାଧ ଆଉ ଅନ୍‌ଲାଇନ୍ ସୁରକ୍ଷା ବାବଦ୍ ଗୁଟେ କର୍ମଶାଳା ହେଇଯାଇଛେ । କର୍ମଶାଳାଥି ଜିଲ୍ଲାସ୍ତରର୍ ପ୍ରଶାସନିକ୍ ଅଧିକାରୀମାନେ ଯୋଗ୍ ଦେଇକରି ସାଇବର ଅପରାଧିର ଭିନ୍ ଭିନ୍ ଦିଗ୍ ଉପ୍‌ରେ ଆଲୋଚନା କରିଛନ୍ । ଇ ଅବ୍‌ସରେ ଅନ୍‌ଲାଇନ୍ ସୁରକ୍ଷା ଆଧାରିତ୍ ଗୁଟେ ତାଲିମ୍ କାର୍ଯ୍ୟକ୍ରମ୍ ଭିଲ୍ ହେଇଥିଲା ।

ମେଡିକାଲ ବର୍ଜ୍ୟବସ୍ତୁ କମିଟି ବୈଠକ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଳଙ୍କର କାର୍ଯ୍ୟାଳୟ ନ ଜୈବ ମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା କମିଟର୍ ବୈଠକ୍ ହେଇଯାଇଛେ । ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କର ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଜିଲ୍ଲା ନ ଜୈବ ମେଡିକାଲ୍ ବର୍ଜ୍ୟବସ୍ତୁ ପରିଚାଲ୍‌ନାକେ ନେଇକରି ନିଆଯାଇଥିବା ପଦକ୍ଷେପ୍‌ର ସମୀକ୍ଷା କରାଯାଇଥିଲା । ଜିଲ୍ଲାର୍ ଡାକ୍ତରଖାନାମାନ୍‌କୁ ଜୈବ ବର୍ଜ୍ୟବସ୍ତୁ ପରିଚାଲନାକେ ନେଇକରି ବିଭାଗୀୟ ଅଧିକାରୀମାନ୍‌କର ସଙ୍ଗେ ମିଶିକରି ପଦକ୍ଷେପ୍ ନେବାର୍‌କେ ଜିଲ୍ଲାପାଳ ଇ ଅବ୍‌ସରେ ନିର୍ଦ୍ଦେଶ୍ ଦେଇଛନ୍ ।

ଚକ୍ଷୁ ପରୀକ୍ଷା ବୈଠକ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଳଙ୍କର କାର୍ଯ୍ୟାଳୟ ନ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କର ଅଧ୍ୟକ୍ଷତାଥି ବିଦ୍ୟାଳୟସ୍ତରୀୟ ଆଖି ସ୍ୱାସ୍ଥ୍ୟ ସୁରକ୍ଷା କାର୍ଯ୍ୟକ୍ରମ୍ ବାବଦ୍ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲାର ଭିନ୍ ଭିନ୍ ବିଦ୍ୟାଳୟନ ଆଏବା ବଛ୍‌ରେ ଭିତ୍‌ରେ ହେବାର୍‌କେ ଥିବା ସରକାରଙ୍କର ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ବାବ୍‌ଦେ ଆଲୋଚନା କରାଯାଇକରି ଯୋଜ୍‌ନା ତିଆର୍ କରାଯାଇଥିଲା । ବୈଠକ୍‌ଥି ଜିଲ୍ଲା ଚିକିତ୍ସା ଆଉ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କର ସହେତେ ସ୍ୱାସ୍ଥ୍ୟ ବିଭାଗ ଆଉ ଜିଲ୍ଲା ପ୍ରଶାସନ୍‌ର ଅଧିକାରୀମାନେ ଉପସ୍ଥିତ ଥିଲେ ।

ପ୍ରାଣୀ ସମ୍ପଦ ମେଳା ବୌଦ୍ଧ ସମ୍ବାଦଦାତା

ଦେବଗଡ଼ ଜିଲ୍ଲା ତିଳେଇବଣି ବ୍ଲକ୍ ନ ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ ମେଳା ଆଏଜ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଦେବଗଡ଼ ବିଧାୟକ ରୋମାଂଚ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇଥିଲେ । ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍‌ର ବିକାଶ୍ ହେଲେ ରାଜ୍ୟର ବିକାଶ ହେବା । ଚାଷୀମାନେ ଭିନ୍ ଭିନ୍ ସରକାରୀ ଯୋଜ୍‌ନାର ଲାଭ୍ ନେଇକରି ଚାଷ୍‌ବାସ୍‌ର ବିକାଶ କର୍‌ବାର୍‌କେ ଅତିଥିମାନେ ପରାମର୍ଶ ଦେଇଥିଲେ । ମେଳାଥି ବିଭାଗ୍ ତର୍‌ଫୁ ୧୨ଟା ଷ୍ଟଲ୍ ଖୁଲାଯାଇଥିଲା ।

ରାଜସ୍ୱ ସମୀକ୍ଷା ବୈଠକ୍                ଦେବଗଡ଼ ସମ୍ବାଦଦାତା

ଦେବଗଡ଼ ଜିଲ୍ଲାପାଳଙ୍କର କାର୍ଯ୍ୟାଳୟ ନ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ୍ ହେଇଯାଇଛେ । ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କର ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଅକ୍ଟୋବର ମାସେ ଜିଲ୍ଲାର୍ ଧାରିଜ୍ ଭୂ-ରାଜସ୍ୱ, ରୟାଲ୍‌ଟି, ଜଳକର, ବସୁନ୍ଧରା, ବିଦ୍ୟାଳୟ ମହାବିଦ୍ୟାଳୟ ପଟ୍ଟା ସହେତେ ଅଲ୍‌ଗା ଟିକସ ଆଦାୟ ବାବ୍‌ଦେ ଆଲୋଚନା କରାଯାଇଥିଲା ।

ସମବାୟ ସପ୍ତାହ                I&PR

ରାଏଜେ ଆଏବାକାଏଲ୍‌ଠାନୁ ୬୭ ନମ୍ବର ନିଖିଳ ଭାରତ ସମବାୟ ସପ୍ତାହ ମୁଲ୍ ହେଉଛେ । ଆତ୍ମନିର୍ଭର ଭାରତ ଲାଗି ସମବାୟ ଗୁଟେ ମାଧ୍ୟମ ବାର୍ତା ନେଇକରି ଆଏବା ୨୦ ତାରିଖ୍‌ତକ୍ ହେବାର୍‌କେ ଥିବା ସମବାୟ ସପ୍ତାହ ଅବ୍‌ସରେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯିବା । ଇ ଅବ୍‌ସରେ ଭୁବନେଶ୍ୱର ନ ସେଂଟ ଯୋଶେଫ୍ ସ୍କୁଲ୍ ରାମମନ୍ଦିର ଛକ୍‌ନୁ ୟୁନିୟନ୍ ଅଫିସ୍ ତକ୍ ସଚେତନତା ଲାଗି ଗୁଟେ ଗଣଦୌଡ଼ କାର୍ଯ୍ୟକ୍ରମ୍ ଆଏବାକାଏଲ୍ ସଖାଳର୍ ୭ ବଜେ ହେବା ।

ସଡ଼କ ଦୁର୍ଘଟନା ଶୂନ୍ୟ ମୃତାହତ ପକ୍ଷ I&PR

ଆଏବା ୧୬ନୁ ୩୦ ତାରିଖ୍‌ତକ୍ ରାଏଜେ ସଡ଼କ ଦୁର୍ଘଟନା ଶୂନ୍ୟ ମୃତାହତ ପକ୍ଷ ପାଲନ୍ କରାଯିବା । ସଡ଼କ ଦୁର୍ଘଟଣାଥି ଘଟୁଥିବା ଜୀବନ୍‌ହାନି ରୁକ୍‌ବାର୍ ଲାଗି ରାଜ୍ୟ ବାଣିଜ୍ୟ ଆଉ ପରିବହନ ବିଭାଗ୍ ତର୍‌ଫୁ ଇ ପକ୍ଷ ପାଲନ୍ କରାଯିବା । ଇ ଅବ୍‌ସରେ ସାରା ରାଏଜେ ଜିଲ୍ଲା, ପୁଲିସ ଆଉ ଅଲ୍‌ଗା ବିଭାଗ୍‌ମାନ୍‌କର ସହଯୋଗ୍‌ଥି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯିବା । ସଡ଼କ ସୁରକ୍ଷା ନିୟମ୍ ଉଲ୍ଲଂଘନ୍ ବିରୋଧଥି କଡ଼ାକଡ଼ି ଯାଂଚ୍ କରାଯିବା । ତାର୍ ସହେତେ ସଡ଼କ ସୁରକ୍ଷାକେ ନେଇକରି ଲୁକ୍‌କୁ ସଚେତନ୍ କରାଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟକେ ଉତର୍ ଦିଗୁ ସୁଖା ପବନ୍ ଆସୁଥିବାର୍‌ନୁ ଭିନ୍ ଭିନ୍ ଜାଗା ନ ରାତିର୍ ତାପମାତ୍ରା ୩/୪ ଡିଗ୍ରୀ ତକ୍ କମିଛେ । ଆଏବା ୩ ଦିନ୍ ତକ୍ ପାଗ୍ ଏନ୍ତା ରହେବା । ତାର୍ ଉତ୍‌ରୁ ୩ ନୁ ୪ ଡିଗ୍ରୀ ତକ୍ ତାପମାତ୍ରା ବଢ଼୍‌ବାର୍ ସହେତେ ଶୀତ୍ ସାମାଏନ୍ କମ୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଗଲକାଏଲ୍

ରାଜ୍ୟର ୧୬ଟା ଜାଗା ନ ରାତିର୍ ତାପମାତ୍ରା ୧୫ ଡିଗ୍ରୀ ତଲେ ରହିଥିଲା । ଦାରିଙ୍ଗିବାଡ଼ି ନ ତାପମାତ୍ରା ସବୁନୁ କମ୍ ୭ ଦଶମିକ୍ ୫ ଡିଗ୍ରୀ ରେକର୍ଡ କରାଯାଇଥିଲା ।